# E-workshop on Export Control

September 22, 2020

---

# ରପ୍ତାନୀ ନିୟନ୍ତ୍ରଣ ଉପରେ ଇ-କର୍ମଶାଳା

22 ସେପ୍ଟେମ୍ବର, 2020

ଇଣ୍ଡିଆନ୍ ଚାମ୍ବର୍ ଅଫ୍ କମର୍ସର ସହଯୋଗିତାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, 18 ସେପ୍ଟେମ୍ବର, 2020ରେ ସମ୍ବେଦନଶୀଳ, ଦ୍ୱୈତ-ବ୍ୟବହାର ବସ୍ତୁ ଓ ଟେକ୍ନୋଲୋଜୀର ରପ୍ତାନୀ ପାଇଁ ନିୟମ ବିଷୟରେ ସଚେତନତା ବୃଦ୍ଧି କରିବା ନିମନ୍ତେ 'ରପ୍ତାନୀ ନିୟନ୍ତ୍ରଣ' ଉପରେ ଏକ ଇ-କର୍ମଶାଳାର ଆୟୋଜନ କରିଥିଲା | ପ୍ରାୟ ସତୁରୀ ଶିକ୍ଷାନୁଷ୍ଠାନ ଓ ଉଦ୍ୟୋଗ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ, ଯାହା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, କେନ୍ଦ୍ରୀୟ ପରୋକ୍ଷ କର ଓ ସୀମା ଶୁଳ୍କ ବୋର୍ଡ ଏବଂ ଅଭିଜ୍ଞ ଉଦ୍ୟୋଗ ପ୍ରତିନିଧିମାନଙ୍କ ଦ୍ୱାରା ସମ୍ବୋଧିତ କରାଯାଇଥିଲା |

ଏହି କର୍ମଶାଳାରେ, ବୈଶ୍ୱିକ ଅର୍ଥବ୍ୟବସ୍ଥା, ବୈଦେଶିକ ନିବେଶ ଓ ପ୍ରୌଦ୍ୟୋଗିକୀ ସମ୍ପର୍କ, ଜାତୀୟ ସୁରକ୍ଷା ହିତ, ଅନ୍ତର୍ରାଷ୍ଟ୍ରୀୟ ଅପ୍ରସାର ଦାୟିତ୍ୱ ଏବଂ ସରକାରଙ୍କ ମାଇଲଖୁଣ୍ଟ ପଦକ୍ଷେପ 'ମେକ୍ ଇନ୍ ଇଣ୍ଡିଆ', 'ମେକ୍ ଫର୍ ୱର୍ଲ୍ଡ' ଓ 'ଆତ୍ମନିର୍ଭର ଭାରତ' ସହିତ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ଏକୀକରଣର ସନ୍ଦର୍ଭରେ ରପ୍ତାନୀ ନିୟନ୍ତ୍ରଣ ପ୍ରଣାଳୀଗୁଡ଼ିକର ମହତ୍ତ୍ୱ ଓ ଲାଭ ବିଷୟରେ ଆଲୋଚନା କରାଯାଇଥିଲା | ଉପସ୍ଥାପନା ଓ ଆଲୋଚନାରେ ଆଇନ, ନିୟମ, ପ୍ରକ୍ରିୟା, କାର୍ଯ୍ୟକାରିତା ପ୍ରଣାଳୀ ସମେତ ଉଦ୍ୟୋଗ ଶିକ୍ଷାର ମହତ୍ତ୍ୱ ତଥା ବୈଶ୍ୱିକ ସ୍ତରରେ ସ୍ୱୀକୃତ, ଭାରତର ତ୍ରୁଟିହୀନ ଅପ୍ରସାର ରେକର୍ଡକୁ ବଜାୟ ରଖିବା ପାଇଁ ଏକ ଉତ୍ତମ ରପ୍ତାନୀ ନିୟନ୍ତ୍ରଣର ଅନୁପାଳନକୁ ଅନ୍ତର୍ଭୁକ୍ତ କରାଯାଇଥିଲା |

ଏହି କର୍ମଶାଳା, ବୈଶ୍ୱିକ ମାନକ ଅନୁରୂପ ଏକ ସୁସ୍ଥାପିତ ଜାତୀୟ ରପ୍ତାନୀ ନିୟନ୍ତ୍ରଣ ପ୍ରଣାଳୀ ଦିଗରେ ଭାରତ ସରକାରଙ୍କ ଅଗ୍ରଗତି କରୁଥିବା ଉଦ୍ୟୋଗ ପ୍ରୟାସଗୁଡ଼ିକର ଅଂଶ ଥିଲା |

ନୂଆ ଦିଲ୍ଲୀ
18 ସେପ୍ଟେମ୍ବର, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.